# କେନ୍ଦ୍ର ସାହିତ୍ୟ ଏକାଡେମୀର ଓଡ଼ିଆ ଯୁବ ସାହିତ୍ୟ କାର୍ଯ୍ୟକ୍ରମ




କଟକ,୨୬।୮(ଆ.ପ୍ର.): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ ଯୁବ ଲେଖକମାନଙ୍କର ଅନ୍‌ଲାଇନ୍ ଗଳ୍ପ ଓ କବିତା ପାଠୋତ୍ସବ 'ଯୁବ ସାହିତ୍ୟ' ଅନୁଷ୍ଠିତ ହୋଇଯାଇଛି । ଓଡ଼ିଶାର ତିନି ଜଣ ଯୁବ ଲେଖକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ସ୍ୱରଚିତ ରଚନା ପାଠ କରିଥିଲେ । ଜଗନ୍ନାଥ ସାହୁ ଗଳ୍ପ, ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ ଓ ନୀହାର ରଞ୍ଜନ ପରିଡ଼ା କବିତା ପାଠ କରିଥିଲେ । ରଚନାଗୁଡ଼ିକ ସମକାଳୀନ ଯୁବଭାବନା ଓ ଚେତନାରେ ପରିପୂର୍ଣ୍ଣ ବୋଲି ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ସ୍ୱାଗତ ସୂଚନା କ୍ରମରେ କହିଥିଲେ । ସାହିତ୍ୟ ଅକାଦେମିର ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ 'ଯୁବ ସାହିତି'



କଟକ,୨୪।୮/ଏନ୍‌ଏନ୍‌ଏସ୍: କେନ୍ଦ୍ର ସାହିତ୍ୟ ଅକାଦେମି ପକ୍ଷରୁ ଓଡ଼ିଆ ଯୁବ ଲେଖକମାନଙ୍କ ଗଳ୍ପ ଓ କବିତା ପାଠସୋର 'ଯୁବ ସାହିତି' ୱେବ୍‌ନାର ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାର ୩ଜଣ ଯୁବ ଲେଖକ ଏହି କାର୍ଯ୍ୟକ୍ରମରେ ସେମାନଙ୍କ ସ୍ୱରଚିତ ରଚନା ପାଠ କରିଥିଲେ। ଜଗନ୍ନାଥ ସାହୁ ଗଳ୍ପ, ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ ଓ ନିହାର ରଞ୍ଜନ ପରିଡ଼ା କବିତା ପାଠ କରିଥିଲେ। ରଚନା ଗୁଡ଼ିକ ସମକାଳୀନ ଯୁବ ଭାବନା ଓ ଚେତନାରେ ପରିପୂର୍ଣ୍ଣ ବୋଲି ସାହିତ୍ୟ ଅକାଦେମି ଓଡ଼ିଆ ଉପଦେଷ୍ଟା ମଣ୍ଡଳୀ ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ପ୍ରସଙ୍ଗରେ କହିଥିଲେ। ସାହିତ୍ୟ ଅକାଦେମୀର ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### କେନ୍ଦ୍ର ସାହିତ୍ୟ ଏକାଡେମୀର 'ଯୁବ ସହିତି' କାର୍ଯ୍ୟକ୍ରମ

# ସାମିଲ୍ ହେଲେ ତିନି ଓଡ଼ିଆ ଯୁବ ସାହିତ୍ୟିକ

କଟକ, ୨୫।୮(ବ୍ୟୁରୋ): କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ୱେବ୍‌ଲାଇନ୍ ଲିଟେରେଚର ସିରିଜ୍‌ରେ 'ଯୁବ ସହିତି' ଅନ୍‌ଲାଇନ୍‌ରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।




ଏହି କାର୍ଯ୍ୟକ୍ରମରେ ଓଡ଼ିଆ ଯୁବ ଲେଖକମାନଙ୍କର ଗଳ୍ପ ଓ କବିତା ପାଠୋତ୍ସବ ଆୟୋଜିତ ହୋଇଥିଲା। ଓଡ଼ିଶାର ତିନି ପ୍ରତିଭାବାନ ଯୁବ ସାହିତ୍ୟିକ ଜଗନ୍ନାଥ ସାହୁ, ଡ଼ଃ ନିହାର ରଂଜନ ପରିଡ଼ା ଓ ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ ଏଥିରେ ସାମିଲ ହୋଇଥିଲେ। ଜଗନ୍ନାଥ ସାହୁ ତାଙ୍କ ରଚିତ ଗଳ୍ପ ପାଠ କରିଥିଲା ବେଳେ ସୁଭଦ୍ରା ପ୍ରିୟଦର୍ଶିନୀ ନାଏକ ଓ ନିହାର ରଞ୍ଜନ ପରିଡ଼ା କବିତା ପାଠ କରିଥିଲେ। ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଓଡ଼ିଆ ସାହିତ୍ୟରେ ଯୁବ ସ୍ୱର ବେଶ୍ ଶକ୍ତିଶାଳୀ ବୋଲି ମତବ୍ୟକ୍ତ କରିଥିଲେ। ଡକ୍ଟର ସିଂହ କହିଥିଲେ, ଓଡ଼ିଆ ସାହିତ୍ୟର ଭବିଷ୍ୟତ ଲୁଚିରହିଥିବା ଯୁବ କଥାକାର ଓ ଯୁବକବିଙ୍କ ରଚନାରେ ଅନେକ ସମ୍ଭାବନା ଅଛି। ସେମାନେ ଜଗତକୁ ଏକ ନୂଆ ଦୃଷ୍ଟିରେ ଦେଖୁଛନ୍ତି ଓ ତାହାର ପ୍ରତିଫଳନ ସେମାନଙ୍କ ସାହିତ୍ୟରେ ଦେଖିବାକୁ ମିଳୁଛି। ସାଧନାରେ ରହିଲେ ଯୁବସାହିତ୍ୟିକମାନେ ଭବିଷ୍ୟତରେ ଓଡ଼ିଆ ସାହିତ୍ୟକୁ ଶକ୍ତିଶାଳୀ କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ପାଠ କରାଯାଇଥିବା ଗଳ୍ପ ଓ କବିତା ସମକାଳୀନ ଯୁବ ଭାବନା ଓ ଚେତନାରେ ପରିପୂର୍ଣ୍ଣ ବୋଲି ଡକ୍ଟର ସିଂହ ଭାଷଣ ପ୍ରସଙ୍ଗରେ କହିଥିଲେ। ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମର ସଂଯୋଜନ କରି ଯୁବ ସାହିତ୍ୟିକମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଥିବା ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ଯୁବ ସାହିତ୍ୟିକମାନଙ୍କୁ ନେଇ ଯୁବ ସହିତି କାର୍ଯ୍ୟକ୍ରମ କରାଯାଉଥିଲା ବେଳେ ସେମାନଙ୍କ ପ୍ରଥମ ପାଣ୍ଡୁଲିପି ପ୍ରକାଶ କରାଯିବା, ସେମାନଙ୍କୁ ଭ୍ରମଣଜନିତ ସୁବିଧା ଯୋଗାଇ ଦେବା ଆଦି ବିଭିନ୍ନ ପଦକ୍ଷେପ କେନ୍ଦ୍ର ଏକାଡେମୀ ପକ୍ଷରୁ ନିଆଯାଉଥିବା ଶ୍ରୀ ଦେବେଶ ପ୍ରକାଶ କରିଥିଲେ।

# କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଯୁବ ସାହିତ୍ୟ କାର୍ଯ୍ୟକ୍ରମ

କଟକ,୨୫।୮(ଇମିସ): କେନ୍ଦ୍ର ସାହିତ୍ୟ ଏକାଡେମି ପକ୍ଷରୁ ଓଡ଼ିଆ ଯୁବ ଲେଖକମାନଙ୍କର ଗଳ୍ପ ଓ କବିତା ପାଠୋତ୍ସବ କାର୍ଯ୍ୟକ୍ରମ 'ଯୁବ ସାହିତ୍ୟ' ୱେବ୍ ମାଧ୍ୟମରେ ଆୟୋଜିତ ହୋଇଛି। ସମାରୋହରେ ଓଡ଼ିଶାର ତିନିଜଣ ଯୁବଲେଖକ ସ୍ୱରଚିତ ରଚନା ପାଠ କରିଥିଲେ। ଜଗନ୍ନାଥ ସାହୁ ଗଳ୍ପ, ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ ଓ ନିହାର ରଞ୍ଜନ ପରିଡ଼ା କବିତା ପାଠ କରିଥିଲେ। ରଚନାଗୁଡ଼ିକ ସମକାଳୀନ ଯୁବଭାବନା ଓ ଚେତନାରେ ପରିପୂର୍ଣ୍ଣ ଥିଲା ବୋଲି ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡକ୍ଟର ବିଜୟାନନ୍ଦ ସିଂହ ମତବ୍ୟକ୍ତ କରିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମି ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ସାହିତ୍ୟ ଏକାଡେମୀର ଯୁବ ସାହିତି କାର୍ଯ୍ୟକ୍ରମ

କଟକ ଅଫିସ,୨୫।୮ : କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଓଡ଼ିଆ ଯୁବ ଲେଖକମାନଙ୍କର କବିତା ଓ ଗଳ୍ପ ପାଠୋତ୍ସବ 'ଯୁବ ସାହିତି' କାର୍ଯ୍ୟକ୍ରମ ମଙ୍ଗଳବାର ଅନ୍‌ଲାଇନ ମାଧ୍ୟମରେ ଅନୁଷ୍ଠିତ ହୋଇଛି। ରାଜ୍ୟର ୩ ଜଣ ଲେଖକ ଉକ୍ତ କାର୍ଯ୍ୟକ୍ରମରେ ସେମାନଙ୍କର ସ୍ୱରଚିତ ରଚନା ପାଠ କରିଥିଲେ। ଜଗନ୍ନାଥ ସାହୁ ଓ ସୁଭଦ୍ରା ପ୍ରିୟଦର୍ଶିନୀ ନାୟକ ଗଳ୍ପ ପାଠ କରିଥିବାବେଳେ ନିହାର ରଞ୍ଜନ ପରିଡ଼ା କବିତା ପାଠ କରିଥିଲେ। ରଚନାଗୁଡ଼ିକ ସମକାଳୀନ ଯୁବ ଭାବନା ଓ ଚେତନାରେ ପରିପୂର୍ଣ୍ଣ ବୋଲି ସାହିତ୍ୟ ଏକାଡେମୀର ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂହ ମତ ଦେଇଥିଲେ। ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳ ଆଞ୍ଚଳିକ ସଚିବ ଦେବେନ୍ଦ୍ର କୁମାର ଦେବତା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।